# COLLECTORATE, ANGUL || ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
## DISTRICT NIZARAT SECTION, ANGUL
## ଜିଲ୍ଲା ନିଜାରତ ଉପବିଭାଗ, ଅନୁଗୋଳ

Telephone : 06764-230567(O)/ 230234(R)/230685(F) || Website: www.angul.nic.in E-mail

ନୋଟିସ ସଂଖ୍ୟା 41 / ନଥିସଂଖ୍ୟା XXVII-୧/୨୪ ତା: 10/01/2024

ଏତଦ୍ବାରା ଅନୁଗୋଳ ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା କାର୍ଯ୍ୟାଳୟ ତରଫରୁ ସଭାଗୃହ ସଲଗ୍ନ ୧୮ ଗୋଟି ଦୋକାନ ଗୃହ ଭଡାସୂତ୍ରରେ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ଅତ୍ର କାର୍ଯ୍ୟାଳୟ ର ପତ୍ର ସଂଖ୍ୟା ୧୧୪୪ ତା ୨୯.୧୧.୨୦୨୩ ମାଧ୍ୟମରେ ପ୍ରକାଶ ପାଇଥିଲା ଓ ତା ୧୪.୧୨.୨୦୨୩ ରିଖରେ ଟେଣ୍ଡର ଖୋଲାଯିବା ପାଇଁ ସ୍ଥିର କରାଯାଇଥିଲା । ପୁନର୍ବାର ଅନୁଗୋଳ ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଏଥି ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ ଆବେଦନ କରିପାରିବେ ।

୧) ଦୋକାନ ଘରଗୁଡ଼ିକ କେବଳ ବିନଷ୍ଟ ହେଉନଥିବା ଦ୍ରବ୍ୟ ଗୁଡ଼ିକ ପାଇଁ ଗୋଦାମ ଗୃହ ଭାବେରେ ବ୍ୟବହୃତ କରିବା ପାଇଁ ଆବଣ୍ଟନ କରାଯିବ ।

୨) ଇଚ୍ଛୁକ ଆବେଦନକାରୀ ଜିଲ୍ଲା କାର୍ଯ୍ୟାଳୟ ର ନିଜାରତ ଉପବିଭାଗରେ ଟଂ୧୦୦୦.୦୦ଙ୍କା ଦାଖଲକରି ତା ୧୦.୧.୨୦୨୪ ରିଖରୁ ତା ୨୫.୧.୨୦୨୪ ରିଖ ପର୍ଯ୍ୟନ୍ତ ପ୍ରତି କାର୍ଯ୍ୟ ଦିବସରେ ପୂର୍ବାହ୍ନ ଘ ୧୦.୦୦ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ଅବେଦନ ପତ୍ର ନେଇପାରିବେ । ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।

୩) ଆବେଦନକାରୀ ଆବେଦନପତ୍ର କୁ ସଠିକ ଭାବରେ ପୂରଣସହ ଅବଶ୍ୟକ କାଗଜ ସଲଗ୍ନ କରି ଜଉ ମୁଦ ଲଫାପାରେ ନିଜାରତ ଉପବିଭାଗରେ ରଖା ଯାଇଥିବା ଟେଣ୍ଡର ବାକ୍ସରେ ତା ୧୦.୧.୨୦୨୪ ରିଖରୁ ତା ୨୫.୧.୨୦୨୪ ପ୍ରତି କାର୍ଯ୍ୟ ଦିବସର ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ପକାଇବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନ ପତ୍ର କୁ ବିଚାରକୁ ନିଆଯିବ ନାହିଁ ।

୪) ଆବେଦନ ପାଇଁ ଆବେଦନକାରୀ ଅନୁଗୋଳ ଜିଲ୍ଲା ଅଧିବାସୀ ହୋଇଥିବା ଆବଶ୍ୟକ।

୫) ଆବେଦନ ପତ୍ର ସହ ଭୋଟର ପରିଚୟ ପତ୍ର/ଆଧାରକାର୍ଡ ଗୋଟିଏ ପାସପୋର୍ଟ ସାଇଜ ଫୋଟୋ ଆବେଦନ ପତ୍ରର କ୍ରୟ ରସିଦ ଏବଂ ଜିଲ୍ଲାପାଳ, ଅନୁଗୋଳଙ୍କ ନାମରେ ଟ୧0,-/000ଦଶ ହଜାର ଟଙ୍କା ର ଏକ ବ୍ୟାଙ୍କ ଡ୍ରାଫ୍ଟ ଅମାନତ ରାଶି ଆକାରରେ ଆବେଦନ ପତ୍ର ସହ ସଲଗ୍ନ କରିବା ଆବଶ୍ୟକ ନଚେତ ଆବେଦନ ପତ୍ର ରଦ୍ଦ କରାଯିବ ।

୬) ପ୍ରତି ଦୋକାନ ଗୃହ ପାଇଁ ଅମାନତ ରାଶି ଭାବରେ ଟ.୫୦,୦୦୦ ଙ୍କା ସ୍ଥିର କରାଯାଇଅଛି ।

୭) ଏକଗୋଟି ଦୋକାନଘର ର ଭଡା ନିମନ୍ତେ ନିଲାମ ପାଇଁ ସର୍ବନିମ୍ନ ମୂଲ୍ୟ ମାସିକ ଟ.୩୦୦୦ଙ୍କା ମାତ୍ର ଧାର୍ଯ୍ୟ କରାଯାଇଅଛି । କିନ୍ତୁ ନିଲାମ ପାଇଁ ଡକାଯାଇଥିବା ସର୍ବାଧିକ ମୂଲ୍ୟ କୁ ମାସିକ ଦେୟ ଭାବରେ ସ୍ଥିର କରାଯିବ ।

୮) ପ୍ରତି ୫ ବର୍ଷରେ ଦୋକାନଘର ଗୁଡ଼ିକର ଭଡା ଦେୟ ସମ୍ବନ୍ଧରେ ପୁନରୀକ୍ଷଣ(Revision )କରାଯିବ।

୯) ଟେଣ୍ଡର ବାକ୍ସଟି ତା ୨୫.୧.୨୦୨୪ ଅପରାହ୍ନ ୪.୦୦ ଘଟିକା ସମୟରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।

୧୦) ଯେଉଁ ଆବେଦନକାରୀ ଦୋକାନ ଘର ପାଇବାରୁ ବଞ୍ଚିତ ହେବେ ସେମାନଙ୍କୁ ଆବେଦନ ପତ୍ର ସହ ସଲଗ୍ନ ଅମାନତ ରାଶୀ କୁ( ଟ.୧୦୦୦୦ ଙ୍କା) ତୁରନ୍ତ ଫେରସ୍ତ ଦିଆଯିବ । ଯୋଗ୍ୟବିବେଚିତ ଆବେଦନକାରୀଙ୍କର ଉପରୋକ୍ତ ରାଶୀ ସ୍ଥିରୀକୃତ ଅମାନତ ରାଶୀରେ ଟ.୫୦୦୦୦.୦୦ଙ୍କା ଆଡଜଷ୍ଟ କରାଯିବ ,ଅର୍ଥାତ ତାଙ୍କୁ ଟ.୪୦୦୦୦.୦୦ଙ୍କା ର ବ୍ୟାଙ୍କ ଡ୍ରାଫ୍ଟ ଜିଲ୍ଲାପାଳ, ଅନୁଗୋଳଙ୍କ ନାମରେ ୨ଦିନ ମଧ୍ୟରେ ଅତ୍ର କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ ଏଥିରେ ବ୍ୟତିକ୍ରମ କଲେ ଆବେଦନକାରୀଙ୍କୁ ଅଯୋଗ୍ୟ ଘୋଷଣା କରାଯିବ ଏବଂ

୧୧) ଦୋକାନ ଘରର ବିଦ୍ୟୁତ ଦେୟ ଦୋକାନ ପାଇଥିବା ହିତାଧିକାରୀ ବହନ କରିବେ ।

୧୨) ଦୋକାନଘରର ବଣ୍ଟନ ପ୍ରଥମ ମାସରୁ ନିର୍ଦ୍ଧାରିତ ଭଡା ଲାଗୁ ହେବ ।

୧୩) ଜଣେ ବ୍ୟକ୍ତି ସର୍ବାଧିକ ଚାରିଗୋଟି ଦୋକାନ ଘର ପାଇଁ ଆବେଦନ କରିପାରିବେ ଓ ଏଥି ପାଇଁ ପ୍ରତି ଘର ପିଛା ଏକ ଆବେଦନ ପତ୍ର ଦେବାକୁ ପଡିବ ।

୧୪) ଆବେଦନକାରୀ ଜିଲ୍ଲା କାର୍ଯ୍ୟାଳୟର କର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ ।

୧୫) ଏହି ଦୋକାନ ଗୃହକୁ ପାଇଥିବା ଆବେଦନକାରୀ ଅନ୍ୟ କୋଣସି ବ୍ୟକ୍ତିଙ୍କୁ ଭଡା ସୂତ୍ରରେ ଲଗାଇପାଇବେ ନାହିଁ ।

୧୬) କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ କିମ୍ବା ସମସ୍ତ ଆବେଦନ ପତ୍ର ଗୁଡିକ ରଦ୍ଦ କରିବା ସଙ୍ଗେ ସଙ୍ଗେ ଉକ୍ତ ନୋଟିସ କୁ ଖାରଜ କରିବାର ସମସ୍ତ ଅଧିକାର ଜିଲ୍ଲା କାର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ ।

(Signature) 10/1/24

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ

ପରିପତ୍ରସଂଖ୍ୟା.....42..... ତା.....10/01/2024

ଏହାର ଏକାକିତା ନକଲ ଜିଲ୍ଲା କାର୍ଯ୍ୟାଳୟ ଅନୁଗୋଳ/ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜିଲ୍ଲା ପରିଷଦ ଅନୁଗୋଳ/ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କ କାର୍ଯ୍ୟାଳୟ /ଡାମଡା କାର୍ଯ୍ୟାଳୟ ଅନୁଗୋଳଙ୍କ ନୋଟିସ ବୋର୍ଡରେ ବହୁଳ ପ୍ରସାର ପାଇଁ ଅନୁରୋଧ କରାଗଲା । ,

(Signature) 10/1/24

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ

ପରିପତ୍ର ସଂଖ୍ୟା.....43..... ତା 10.01.2024

ଏହାର ଏକକିତା ନକଲ ଜାତୀୟ ସୂଚନା ଅଧିକାରୀ, ଅନୁଗୋଳଙ୍କ ବିହିତ ଅବଗତି ଏବଂ ବହୁଳ ପ୍ରସାର କରିବା ନିମନ୍ତେ ଅନୁରୋଧ କରାଗଲା ।

(Signature) 10/1/24

ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ

ପରିପତ୍ର ସଂଖ୍ୟା.....44..... ତା 10.01.2024

ଏହାର ଏକକିତା ନକଲ ଉପ-ନିର୍ଦ୍ଦେଶକ,(ବିଜ୍ଞାପନ)ସୂଚନା ଓ ଲୋକ ସମ୍ପର୍କ ବିଭାଗ,ଓଡିଶା,ଭୁବନେଶ୍ୱର/ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ,ଅନୁଗୋଳ ସଦୟ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ଜଣାଇ ଦିଆଗଲା । ଉକ୍ତ ନୋଟିସକୁ ୨ ଗୋଟି ଆଞ୍ଚଳିକ ଖବରକାଗଜରେ ଏକ ଦିନ ପାଇଁ ପ୍ରକାଶ ତଥା ବହୁଳ ପ୍ରସାର ନିମନ୍ତେ ଅନୁରୋଧ କରାଗଲା ଏବଂ ୨ ଗୋଟି ଆଞ୍ଚଳିକ ଖବର କାଗଜରେ ଏଥିସହିତ ସଲଗ୍ନ ବିଜ୍ଞାପନଟି ୬"x୫" ମଧ୍ୟରେ ରହିବା ଆବଶ୍ୟକ ।

(Signature) 10/1/24

ଅତିରିକ୍ତ ଜିଲ୍ଲାପାଳ, ଅନୁଗୋଳ